# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 December – 2025

******************************

## ମୁଖ୍ୟ ସମ୍ବାଦ

- ଶିଶୁର ଜିଜ୍ଞାସା ଓ ଗବେଷଣାତ୍ମକ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ; କହିଲେ ମୁଖ୍ୟମନ୍ତ୍ରୀ

– କେନ୍ଦୁଝରଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ କଲେ ଉଦ୍‌ଘାଟନ

- ତିନିଦିନିଆ ଓଡ଼ିଶା ଗସ୍ତରେ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର

- ରତ୍ନଭଣ୍ଡାର ଗଣତି ମଣତି ନେଇ ଆଜି ଅପରାହ୍ଣରେ ପୁରୀ ଶ୍ରୀମନ୍ଦିରରେ ହେବ ଉଚ୍ଚସ୍ତରୀୟ କମିଟିର ବୈଠକ

- ରାଉରକେଲା ଏନ୍.ଆଇ.ଟି’ରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏବଂ

- ସ୍ୱାସ୍ଥ୍ୟ ସଂକଟର ମୁକାବିଲା କ୍ଷେତ୍ରରେ ଶିକ୍ଷା ଏବଂ ସଚେତନତା ବୃଦ୍ଧିକୁ ନେଇ ଆଜି ପାଳନ କରାଯାଉଛି ମହାମାରୀ ପ୍ରସ୍ତୁତି ପାଇଁ ଆନ୍ତର୍ଜାତୀୟ ଦିବସ

BBSR/R/Keonjhar

## ବୈଜ୍ଞାନିକ ପ୍ରକଳ୍ପ

ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ଦିଗରେ ବିଜ୍ଞାନ ପ୍ରଦର୍ଶନୀ ପ୍ରକଳ୍ପ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝରସ୍ଥିତି ଡି.ଏନ୍. ହାଇସ୍କୁଲ ପଡ଼ିଆରେ ଆୟୋଜିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ-୨୦୨୫କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ବୈଜ୍ଞାନିକ ହୋଇ ନୂଆ ନୂଆ ଜ୍ଞାନକୌଶଳ ଉଦ୍ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର କରିବେ। ଶିଶୁମାନଙ୍କର ଜିଜ୍ଞାସା ଓ ଗବେଷଣାତ୍ମକ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ। ପାଠ୍ୟପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରୀ ଏବଂ ବିଭିନ୍ନ ଅନଲାଇନ୍ ମାଧ୍ୟମରେ ଅନେକ ନୂଆ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି। ଏହାକୁ ଉପଯୋଗ କରି ଛାତ୍ରଛାତ୍ରୀମାନଙ୍କୁ ଗବେଷଣା ମନସ୍କ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମଗ୍ର ରାଜ୍ୟରୁ ୨୧୦ଟି ବିଜ୍ଞାନ ପ୍ରଦର୍ଶନୀ ପ୍ରକଳ୍ପ ପ୍ରଦର୍ଶିତ ହେଉଛି।

Desk

# ସି.ଇ.ସି. – ଓଡ଼ିଶା ଗସ୍ତ

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆଜିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଭୁବନେଶ୍ୱରରେ ପହଞ୍ଚିବା ପରେ ଶ୍ରୀ କୁମାର ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଅପରାହ୍ନରେ ଶ୍ରୀ କୁମାର କୋଣାର୍କ ଗସ୍ତ କରିବେ। ଦର୍ଶନ କରିବା ପରେ ଶ୍ରୀ କୁମାର ଗଣମାଧ୍ୟମକୁ କହିଛନ୍ତି...

**- V/O -**

ଶ୍ରୀ କୁମାର ଗସ୍ତ ଅବସରରେ ସୋମବାର ଦିନ ଅପରାହ୍ଣରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ବୈଠକରେ ଅଧ୍ୟକ୍ଷତା କରିବେ ବୋଲି ଜଣାପଡ଼ିଛି ।

Puri

# ରତ୍ନଭଣ୍ଡାର ଗଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି ନେଇ ଆଜି ଅପରାହ୍ନରେ ଉଚ୍ଚସ୍ତରୀୟ କମିଟି ବୈଠକ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

ଇଂରାଜୀ ନବବର୍ଷରେ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଆସନ୍ତା ମାସରେ ରତ୍ନଭଣ୍ଡାର ଖୋଲିବାର ତାରିଖ, ତିଥି, ବାର ସହ ମାହେନ୍ଦ୍ର ବେଳା ସ୍ଥିର କରାଯିବ। ଏଥିସହ ଗଣତି ମଣତି ସମୟରେ ଅଳଙ୍କାରର ସୁରକ୍ଷା ଦୃଷ୍ଟିରୁ ଭକ୍ତଙ୍କ ଦର୍ଶନ ବନ୍ଦ ରହିବାର ସମୟ ମଧ୍ୟ ସ୍ଥିରୀକୃତ କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟିରେ ଅନୁମୋଦନ ହେବା ପରେ ରତ୍ନଭଣ୍ଡାର ଖୋଲାଯିବା ସହ ଅଳଙ୍କାରର ଡିଜିଟାଇଜେସନ୍ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ଉପସ୍ଥିତ ରହିବେ।

Desk

## ପ୍ରଦୂଷଣ ପ୍ରମାଣପତ୍ର

ପ୍ରଦୂଷଣ ପ୍ରମାଣପତ୍ର ଥିବା ଯାନରେ ଗ୍ରୀନ୍ ଷ୍ଟିକର୍ ଲଗାଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗ୍ରୀନ୍ ଷ୍ଟିକର' ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ନୂଆ ଓ ପୁରୁଣା ଉଭୟ ଗାଡ଼ିକୁ ସମାନ ପ୍ରଦୂଷଣ ପ୍ରମାଣପତ୍ର ମିଳୁଥିବା ଅଭିଯୋଗ ଆସିବାରୁ ଏ ନେଇ ତର୍ଜମା କରାଯାଉଛି। ସଡ଼କ ସୁରକ୍ଷା ମାସକୁ ଦୃଷ୍ଟିରେ ରଖି ପ୍ରଦୂଷଣ ପ୍ରମାଣପତ୍ର ଅଭିଯାନକୁ କୋହଳ କରାଯାଇଛି। ୨୦୧୯

ମସିହାରେ ବୃଦ୍ଧି ପାଇଥିବା ଜୋରିମାନାକୁ କୋହଳ କରିବା ସମ୍ପର୍କରେ ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

**- V/O –**

BBSR/R

## ଇ-ଚାଲାଣ

ଇ-ଚାଲାଣ ଏଣିକି ଅନଲାଇନ୍ ସହ ଅଫ୍‌ଲାଇନ୍‌ରେ ମଧ୍ୟ ପଇଠ କରି ହେବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଜନସାଧାରଣଙ୍କ ସୁବିଧା ପାଇଁ ନଗଦ ଅର୍ଥ ଗ୍ରହଣ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ ଆର୍.ଟି.ଓ'ମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ମୋବାଇଲ ନମ୍ବର ସଠିକ୍ ନ ଥିବା ଯୋଗୁଁ ଓଟିପି ପାଉନଥିବା ଗାଡ଼ି ମାଲିକ ଓ ଇଣ୍ଟରନେଟ୍ ସେବା ଦୁର୍ବଳ ଥିବା ଅଞ୍ଚଳର ଲୋକଙ୍କ ପାଇଁ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

Desk

## ଧର୍ମେନ୍ଦ୍ର– ପ୍ରକଳ୍ପର ଉଦ୍‌ଘାଟନ

କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଉରକେଲା ଏନ୍.ଆଇ.ଟି. ପରିସରରେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ବିକାଶମୂଳକ

ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଶ୍ରୀ ପ୍ରଧାନ ୩୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏଥିରେ ବ୍ୟାଡମିଣ୍ଟନ କୋର୍ଟ ବିଶିଷ୍ଟ ବହୁମୁଖୀ ସଭାଗୃହ, ଓପନ ଏୟାର ଥିଏଟର ଏବଂ ଆନୁଷଙ୍ଗିକ ସୁବିଧା ରହିଛି। ଛାତ୍ରଛାତ୍ରୀମାନଙ୍କୁ ଏହା କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ ସୃଜନଶୀଳତା ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ନୂତନ ଶିଖରରେ ପହଁଞ୍ଚାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ବାହାରୁ ଥିବା ଛାତ୍ରଛାତ୍ରୀ ନିଜସ୍ୱ ଷ୍ଟାର୍ଟ-ଅପ୍ ମାଧ୍ୟମରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବାର ସାମର୍ଥ୍ୟ ରଖୁଛନ୍ତି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଏନ୍.ଆଇ.ଟିର ମିଳିତ ସହଯୋଗରେ ଭାରତର ଅର୍ଥନୀତିକୁ ତୃତୀୟ ସ୍ଥାନରେ ପହଁଞ୍ଚାଇବା ଲାଗି ଏକ ଶକ୍ତିଶାଳୀ ମଧ୍ୟମ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

Desk

## ମୁଖ୍ୟମନ୍ତ୍ରୀ ବସ୍‌ସେବା

ରାଜ୍ୟରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍‌ସେବା– ଏମ୍.ବି.ଏସ୍. ଯୋଜନା ଲାଗୁ ହେବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ଆଲୋଚନା ଶେଷ ହୋଇଛି। ୧ ହଜାର ୪୨୨ଟି ବସ୍ ଯୋଗେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍‌ସେବା ଯୋଗାଇ ଦିଆଯିବ। ଉଭୟ ସାଧାରଣ

ଓ ବାତାନୁକୂଳିତ ବସ୍‌ରେ ଏହି ସେବା ଉପଲବ୍ଧ ହେବ। ଦୂରତାକୁ କେନ୍ଦ୍ର କରି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାରକୁ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

Baragarh/V/

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଆଜି ଚତୁର୍ଥ ଦିବସରେ ଗୋପପୁରରେ ଶ୍ରୀକୃଷ୍ଣ ବାଲ୍ୟଲୀଳା, କଂସ ପ୍ରେରିତ ପୁତନା, ବକ୍କା, ସକଟା, ତୃଣା, ଧେନୁ, ଷଣ୍ଢାସୁର ଆଦିଙ୍କୁ ବଧ ଓ ନନ୍ଦୋତ୍ସବ ହେବ। ମଥୁରା ନଗରୀରେ ବାଣାସୁର ପରାଜୟ, ଷଡ଼ମଲ୍ଲଙ୍କ ମୃତ୍ୟୁ ଖବର ପାଇ କଂସର ଶୋକ, ରାଣୀ ପଦ୍ମାବତୀଙ୍କ ଧନୁଶ୍ରୀ ଓଷା ପାଇଁ ପ୍ରସ୍ତୁତି ଓ କଂସଙ୍କ ଦ୍ୱାରା ମୁକ୍ତେଶ୍ୱର ବାବାଙ୍କ ରୁଦ୍ରାଭିଷେକ କାର୍ଯ୍ୟକ୍ରମର ପରିବେଷଣ କରାଯିବ।

ଧନୁଯାତ୍ରାର ତୃତୀୟ ଦିବସରେ କଂସ ମହାରାଜଙ୍କ କିଛି ସଂଳାପ....

**- V/O –**

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର

ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

Desk

## ମହାମାରୀ ପ୍ରସ୍ତୁତି ପାଇଁ ଆନ୍ତର୍ଜାତୀୟ ଦିବସ

ସ୍ୱାସ୍ଥ୍ୟ ସଂକଟର ମୁକାବିଲା କ୍ଷେତ୍ରରେ ଶିକ୍ଷା ଏବଂ ସଚେତନତା ବୃଦ୍ଧିକୁ ନେଇ ଆଜି ପାଳନ କରାଯାଉଛି ମହାମାରୀ ପ୍ରସ୍ତୁତି ପାଇଁ ଆନ୍ତର୍ଜାତୀୟ ଦିବସ। ଜାତିସଂଘର ସାଧାରଣ ସଭାରେ ଆଜିର ଦିନରେ ୨୦୨୦ ମସିହାରେ ଏହି ଦିବସର ନାମକରଣ କରାଯାଇଥିଲା। କୋଭିଡ୍-୧୯ ମହାମାରୀ ଯୋଗୁଁ ପୃଥିବୀରେ ପ୍ରାୟ ୭୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ପୂର୍ବରୁ ୧୯୨୦ ମସିହାରେ କୋଭିଡ୍ ଭଳି ସ୍ପାନିସ୍ ଫ୍ଲୁ ମହାମାରୀକୁ ବିଶ୍ୱବାସୀ ଦେଖିଥିଲେ। ଏକବିଂଶ ଶତାବ୍ଦୀରେ କୋଭିଡ୍, ସ୍ୱାଇନ୍ ଫ୍ଲୁ, ସାର୍ସ ଭଳି ମହାମାରୀ ବିଶ୍ୱବ୍ୟାପୀ

ନରସଂହାରକୁ ହୃଦୟଙ୍ଗମ କରି ବିଶ୍ୱ ଜାତି ସଂଘ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ସତର୍କ କରାଇବା ଏବଂ ପ୍ରସ୍ତୁତ ରହିବା ନେଇ ଗୁରୁତ୍ୱ ଦେଉଛି ।

HS

## ଜିରୋ ନାଇଟ୍

ନୂଆବର୍ଷକୁ ସ୍ୱାଗତ ଏବଂ ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିରୋ ନାଇଟ୍ ପାଳନ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ କଟକ–ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୁରକ୍ଷାରେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହେବେ ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି ।

Desk

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଚଳିତ ମାସ ଶେଷ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ପରିବର୍ତ୍ତନ ହେବ ନାହିଁ । ରାଜ୍ୟର ଦକ୍ଷିଣ, ଉତ୍ତର, ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ରାତିର ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାଠାରୁ ଏକ କିମ୍ବା ଦୁଇ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୪ ଦଶମିକ ୮ ଡିଗ୍ରୀ ଥିଲା । ୧୯୬୯ ମସିହା ଡିସେମ୍ବର ମାସର ଆଜିର ଦିନରେ

କୋରାପୁଟ ସହରର ତାପମାତ୍ରା ୩ ଡିଗ୍ରୀ ଥିଲା। ପାଣିପାଗ ବିଭାଗର ସୂଚନା ଅନୁସାରେ, ଡିସେମ୍ବର ମାସ ଶେଷ ସପ୍ତାହରେ କୋରାପୁଟ ସହରର ତାପମାତ୍ରା ପ୍ରାୟ ସର୍ବନିମ୍ନ ସ୍ତରରେ ରହିଥାଏ। ନୂଆ ବର୍ଷ ଆରମ୍ଭରୁ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

******************************